# ଓଡ଼ିଶା ଭୂମି ହଡପ (ନିବାରଣ) ବିଧେୟକ, 2015

## (THE ODISHA LAND GRABBING (PROHIBITION) BILL, 2015)

ଓଡିଶା ରାଜ୍ୟରେ ଭୂମି ହଡପ କାର୍ଯ୍ୟକଳାପର ନିବାରଣ ନିମନ୍ତେ ଏବଂ ତତ୍ ସଂପର୍କିତ ବା ତତ୍ ଆନୁଷଙ୍ଗିକ ବିଷୟଗୁଡିକ ନିମନ୍ତେ ବ୍ୟବସ୍ଥା କରିବାକୁ

ଏକ

ବିଧେୟକ ।

ଯେହେତୁ ବ୍ୟକ୍ତିଗତଭାବରେ ବା ଦଳଗତ ଭାବରେ କାର୍ଯ୍ୟ କରୁଥିବା କେତେକ ଆଇନ ଭଙ୍ଗକାରୀ ବ୍ୟକ୍ତି, ଯେଉଁମାନେ କି ଭୂମି ହଡପକାରୀ ଭାବେ ବିଦିତ, ବଳ ପ୍ରୟୋଗ କରି ବା ପ୍ରତାରଣା କରି ବା ଅନ୍ୟ କୌଣସି ଉପାୟରେ ସରକାରଙ୍କର, ସ୍ଥାନୀୟ ପ୍ରାଧିକାରୀଙ୍କର, ସରକାରଙ୍କ ମାଲିକାନା ଥିବା ବା ତାଙ୍କ ଦ୍ବାରା ନିୟନ୍ତ୍ରିତ ବା ପରିଚାଳିତ କୌଣସି ବୈଧାନିକ ବା ଅଣ-ବୈଧାନିକ ନିକାୟର, ଭୂଦାନଯଜ୍ଞ ସମିତିର, କୌଣସି ସାଧାରଣ ଧାର୍ମିକ ବା ଦାତବ୍ୟ ଅନୁଷ୍ଠାନ ବା ଦେବୋତ୍ତରର ତଥା ଓ ୱାକଫ୍‌ର ଭୂମିକୁ ହଡପ କରିବାକୁ ସଂଗଠିତ ଭାବେ ପ୍ରୟାସ କରୁଛନ୍ତି;

ଏବଂ ଯେହେତୁ ପୌରାଞ୍ଚଳମାନଙ୍କରେ ଭୂମିର ଅତ୍ୟଧିକ ଚାହିଦା ଦୃଷ୍ଟିରୁ ତାହାର ମୂଲ୍ୟ କ୍ରମାଗତଭାବେ ବୃଦ୍ଧି ପାଇବାରେ ଲାଗିଛି ଏବଂ ଏହାର ସୁଯୋଗ ନେଇ ଭୂମି ହଡପକାରୀମାନେ ଭୂମି ଉପରେ କୌଣସି ପ୍ରକାର ଅଧିକାର, ହକ୍ ବା ସ୍ବାର୍ଥ ନ ଥାଇ ଜାଲ୍ କରି ଉକ୍ତ ଭୂମି ଉପରେ ନିଜର ଦାବି ଉପସ୍ଥାପନ କରୁଛନ୍ତି ଏବଂ ଭୂମିର ଅପ୍ରାଧିକୃତ ଦଖଲ, ଅବିବେକୀ ଭୂମି ବେପାରୀଙ୍କ ଜରିଆରେ

ବା ଅନ୍ୟ କୌଣସି ପ୍ରକାରେ କେତେକ ଶ୍ରେଣୀର ଲୋକଙ୍କୁ ଶଠତାପୂର୍ଣ୍ଣ ବିକ୍ରୟ ପରି ବେଆଇନ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି, ଯଦ୍ୱାରା କି ସେମାନେ ଅମାପ ହିସାବ ବହିର୍ଭୂତ ସଂପତ୍ତି ଠୁଳ କରିବା ସଙ୍ଗେସଙ୍ଗେ ସାଧାରଣ ଆଇନ ଶୃଙ୍ଖଳାକୁ ମଧ୍ୟ ପ୍ରତିକୂଳଭାବେ ପ୍ରଭାବିତ କରୁଛନ୍ତି;

ଏବଂ ଯେହେତୁ ଭୂମିର ଜବରଦଖଲ ଓ ଅପ୍ରାଧିକୃତ ଦଖଲ ବହୁମାତ୍ରାରେ ବଢ଼ିଚାଲିଛି ଏବଂ ଓଡିଶାରେ ପ୍ରଚଳିତ ଆଇନଗୁଡ଼ିକ ମୁଖ୍ୟତଃ ପୌରାଞ୍ଚଳମାନଙ୍କରେ ଭୂମି ହଡପ ପରି ଅନିଷ୍ଟକାର ଆହ୍ୱାନର ସମ୍ମୁଖୀନ ହେବା ପାଇଁ ଆଦୌ ପର୍ଯ୍ୟାପ୍ତ ନୁହେଁ, ତେଣୁ, ଏପରି ବେଆଇନ କାର୍ଯ୍ୟକଳାପକୁ ଲଗାମ ଦେଇ ରୋକିବା ନିମନ୍ତେ ପଦକ୍ଷେପ ନେବା ଆବଶ୍ୟକ ଓ ସମୀଚିନ ମନେ କରାଯାଉଛି;

ଭାରତ ଗଣରାଜ୍ୟର ଛଅଷଠିତମ ବର୍ଷରେ ଓଡିଶା ରାଜ୍ୟର ବିଧାନ ମଣ୍ଡଳ ଦ୍ୱାରା ନିମ୍ନମତେ ଅଧିନିୟମିତ ହେଉ:--

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

1. (1) ଏହି ଅଧିନିୟମଟି ଓଡ଼ିଶା ଭୂମି ହଡ଼ପ (ନିବାରଣ) ଅଧିନିୟମ, 2015 ଭାବରେ ଅଭିହିତ ହେବ ।

(2) ଏହା ସମଗ୍ର ଓଡ଼ିଶା ରାଜ୍ୟ ପ୍ରତି ବିସ୍ତାରିତ ହେବ ।

(3) ଏହା 28 ମଇ, 2015 ଠାରୁ ବଳବତ୍ତର ହୋଇଛି ବୋଲି ବିବେଚିତ ହେବ ।

(4) ଏହା ସମସ୍ତ ପୌର ନିଗମ, ପୌରପାଳିକା, ଅଧିସୂଚିତ କ୍ଷେତ୍ର ପରିଷଦ, ଓଡ଼ିଶା ଉନ୍ନୟନ ପ୍ରାଧିକରଣ ଅଧିନିୟମ, 1982 ଅନୁଯାୟୀ ଗଠିତ ସମସ୍ତ ଉନ୍ନୟନ ପ୍ରାଧିକାରୀ, ଓଡ଼ିଶା ସହର ଯୋଜନା ଓ ଉନ୍ନୟନ ନ୍ୟାସ ଅଧିନିୟମ, 1956 ଅନୁଯାୟୀ ଗଠିତ ସ୍ୱତନ୍ତ୍ର ଯୋଜନା ପ୍ରାଧିକାରୀର ସୀମା ମଧ୍ୟରେ ଅବସ୍ଥିତ ସମସ୍ତ ଭୂମି ଓ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥ ସନ୍ନିକଟ ସରକାରୀ ଭୂମି ଓ ସରକାର ଅଧିସୂଚନା ଦ୍ୱାରା ଯେପରି ବିନିର୍ଦ୍ଦିଷ୍ଟ କରିପାରନ୍ତି ସେପରି ଅନ୍ୟାନ୍ୟ ସ୍ଥାନୀୟ ପ୍ରାଧିକାରୀଙ୍କ ଭୂମି ପ୍ରତି ଲାଗୁ ହେବ ।

ସଂଜ୍ଞା

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ କରୁନଥିଲେ, ଏହି ଅଧିନିୟମରେ,–

(କ) 'ସରକାର' ଅର୍ଥ ଓଡ଼ିଶା ସରକାର;

(ଖ) 'ଭୂମି' ରେ ଅନ୍ତର୍ଗତ ହେବ,–

(i) ସରକାରୀ ଭୂମି, ଏକ ସ୍ଥାନୀୟ ପ୍ରାଧିକାରୀଙ୍କ ଭୂମି, ସରକାରଙ୍କ ମାଲିକାନା ଥିବା, ନିୟନ୍ତ୍ରଣାଧିନ ଥିବା ବା ସରକାରଙ୍କ ଦ୍ୱାରା ପରିଚାଳିତ ଏକ ବୈଧାନିକ ବା ଅଣ-ବୈଧାନିକ ନିକାୟର ଭୂମି, ଭୂଦାନ ଯଜ୍ଞ ସମିତି, ଏକ ସର୍ବସାଧାରଣ ଧାର୍ମିକ ବା ଦାତବ୍ୟ ଅନୁଷ୍ଠାନର ବା ଦେବୋତ୍ତର ତଥା ଏକ ୱାକଫର ଭୂମି; ଏବଂ

(ii) ଭୂମିରେ ବା ଭୂମି ଉପରେ ଅଧିକାର, ଭୂମି ଓ କୋଠାଘରରୁ ଉଦଭୂତ ହେବାକୁ ଥିବା ଲାଭ, ମାଟି ସଂଲଗ୍ନ ବା ମାଟି ସଂଲଗ୍ନ କୌଣସି ଜିନିଷକୁ ସ୍ଥାୟୀଭାବରେ ବନ୍ଧାଯାଇଥିବା ସମସ୍ତ ନିର୍ମାଣକାର୍ଯ୍ୟ ଓ ଅନ୍ୟ ଜିନିଷ;

(ଗ) 'ଭୂମି ହଡ଼ପକାରୀ' ଅର୍ଥ ଭୂମି ହଡ଼ପ କରୁଥିବା ଜଣେ ବ୍ୟକ୍ତି ବା ଦଳେ ବ୍ୟକ୍ତି ଏବଂ ଭୂମିର ଅବୈଧ ଦଖଲ ନେବା ପାଇଁ ବା ତହିଁରେ ଅପ୍ରାଧିକୃତ ନିର୍ମାଣକାର୍ଯ୍ୟ ପାଇଁ କୌଣସି ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ଦେଉଥିବା ଜଣେ ବ୍ୟକ୍ତି ବା ଭୂମି ବିକ୍ରୟ କରୁଥିବା ବା ବିକ୍ରୟ କରିବାକୁ ଉଦ୍ୟମ କରୁଥିବା ଜଣେ ବ୍ୟକ୍ତି ବା ଆପରାଧିକ ଭୀତି ପ୍ରଦର୍ଶନ କରି ସେପରି ଭୂମିରୁ ଖଜଣା, କ୍ଷତିପୂରଣ ଓ ଅନ୍ୟାନ୍ୟ ଦେୟ ଅସୁଲ କରୁଥିବା ବା ଅସୁଲ କରିବାକୁ ଉଦ୍ୟମ କରୁଥିବା ଜଣେ ବ୍ୟକ୍ତି ବା ଉପରୋକ୍ତ ଯେକୌଣସି କାର୍ଯ୍ୟ କରିବାକୁ ପ୍ରବର୍ତ୍ତାଉ ଥିବା ଜଣେ ବ୍ୟକ୍ତି ତଥା ତାଙ୍କର ଉତ୍ତରାଧିକାରୀ ଏହାର ଅନ୍ତର୍ଭୁକ୍ତ ।

(ଘ) 'ଭୂମି ହଡ଼ପ'ଅର୍ଥ କୌଣସି ଭୂମିରେ କୌଣସି ଆଇନଗତ ହକ୍ ନଥାଇ ଓ ସେପରି ଭୂମିରେ ବେଆଇନ ଦଖଲ ନେବା ବା ତହିଁରେ ପ୍ରବେଶ କରିବା, ବା ସେପରି ଭୂମି ସଂକ୍ରାନ୍ତରେ ଅବୈଧ ରୟତିସ୍ୱତ୍ୱ, ଲିଜ୍ ବା ଲାଇସେନସ୍ ଚୁକ୍ତି ବା ଅନ୍ୟ କୌଣସି ଅବୈଧ ଚୁକ୍ତି ସୃଷ୍ଟି କରିବା ଅଥବା ବିକ୍ରୟ ବା ଭଡ଼ା ନିମନ୍ତେ ସେଥିରେ ଆପ୍ରାଧିକୃତ ନିର୍ମାଣ କାର୍ଯ୍ୟ କରିବା, ବା ସେପରି ଭୂମିକୁ ନିର୍ମାଣକାର୍ଯ୍ୟ ନିମନ୍ତେ ବା ଅପ୍ରାଧିକୃତ ନିର୍ମାଣଗୁଡ଼ିକୁ ବ୍ୟବହାର ଓ ଦଖଲ ନିମନ୍ତେ କୌଣସି ବ୍ୟକ୍ତିଙ୍କୁ ଭଡା ବା ଲିଜ୍ ଓ ଲାଇସେନସ୍ ସୂତ୍ରରେ ଦେବା ଉଦ୍ଦେଶ୍ୟ ରଖି ଜଣେ ବ୍ୟକ୍ତି ବା ଦଳେ ବ୍ୟକ୍ତିଙ୍କ ଦ୍ୱାରା ସେପରି ଭୂମିରେ କରାଯାଉଥିବା ହଡ଼ପର ପ୍ରତ୍ୟେକ କାର୍ଯ୍ୟକଳାପ; ଏବଂ 'ଭୂମି ହଡ଼ପ କରିବା' ଅଭିବ୍ୟକ୍ତିକୁ ତଦନୁଯାୟୀ ଅର୍ଥ କରାଯିବ;

(ଙ) 'ଅଧିସୂଚନା'ଅର୍ଥ ଓଡ଼ିଶା ଗେଜେଟରେ ପ୍ରକାଶିତ ଏକ ଅଧିସୂଚନା; ଏବଂ 'ଅଧିସୂଚିତ' ଶବ୍ଦକୁ ତଦନୁସାରେ ଅର୍ଥ କରାଯିବ;

(ଚ) 'ବ୍ୟକ୍ତି'ରେ ଅନ୍ତର୍ଭୁକ୍ତ ହେବେ' ବ୍ୟକ୍ତିମାନଙ୍କର ଏକ ଦଳ ବା ନିକାୟ, ଏକ ସଂଗଠନ ବା ନିଗମିତ ହୋଇଥାଉ କି ହୋଇନଥାଉ ଏକ ଧାର୍ମିକ ବା ଦାତବ୍ୟ ଅନୁଷ୍ଠାନ ବା ଦେବୋତ୍ତର;

(ଛ) 'ବିହିତ'ଅର୍ଥ ଏହି ଅଧିନିୟମ ଅନୁଯାୟୀ ପ୍ରଣୀତ ନିୟମାବଳୀ ଦ୍ୱାରା ବିହିତ;

(ଜ) 'ସ୍ୱତନ୍ତ୍ର ନ୍ୟାୟାଳୟ' ଅର୍ଥ ଧାରା 7 ଅନୁଯାୟୀ ଗଠନ କରାଯାଇଥିବା ଏକ ସ୍ୱତନ୍ତ୍ର ନ୍ୟାୟାଳୟ; ଓ

(ଝ) 'ଅପ୍ରାଧିକୃତ ନିର୍ମାଣକାର୍ଯ୍ୟ' ଅର୍ଥ ସୁସଙ୍ଗତ ବିଧି ଅନୁଯାୟୀ ସଂପୃକ୍ତ ସକ୍ଷମ ପ୍ରାଧିକାରୀଙ୍କ ଲିଖିତ ଅନୁମତି ବିନା ନିର୍ମାଣ କରାଯାଇଥିବା କୌଣସି ନିର୍ମାଣକାର୍ଯ୍ୟ ।

ଭୂମି ହଡ଼ପ ବେଆଇନ ଅଟେ ।

3. ଯେକୌଣସି ପ୍ରକାରର ଭୂମି ହଡ଼ପକୁ ଏତଦ୍ଵାରା ବେଆଇନ ଘୋଷଣା କରାଯାଉଅଛି ଏବଂ ଭୂମି ହଡ଼ପ ସଂମ୍ପର୍କିତ ବା ତହିଁରୁ ଉପୁଜୁଥିବା ଯେ କୌଣସି କାର୍ଯ୍ୟକଳାପ ଏହି ଅଧିନିୟମ ଅନୁଯାୟୀ ଏକ ଦଣ୍ଡନୀୟ ଅପରାଧ ହେବ ।

ଭୂମି ହଡ଼ପ ର ନିବାରଣ ।

4. (1) କୌଣସି ବ୍ୟକ୍ତି ଭୂମି ହଡ଼ପ କରିବେ ନାହିଁ କି କରାଇବେ ନାହିଁ ।

(2) ଏହି ଅଧିନିୟମ ପ୍ରାରମ୍ଭ ହେବା ଦିନ ବା ତାହାପରେ ଯେଉଁ ବ୍ୟକ୍ତି ଜଣେ ଆଇନସମ୍ମତ ରୟତ ଭିନ୍ନ ଅନ୍ୟଥା, ସରକାରଙ୍କର, ସ୍ଥାନୀୟ ପ୍ରାଧିକାରୀଙ୍କର, ସରକାରଙ୍କ ମାଲିକାନାଥିବା, ନିୟନ୍ତ୍ରଣାଧିନ ଥିବା ବା ସରକାରଙ୍କ ଦ୍ଵାରା ପରିଚାଳିତ ବୈଧାନିକ ବା ଅଣବୈଧାନିକ ନିକାୟର, ଧାର୍ମିକ ବା ଦାତବ୍ୟ ଅନୁଷ୍ଠାନ ବା ଏକ ୱାକଫ୍ ସମେତ ତେରୋଉରର ହଡ଼ପ ହୋଇଥିବା ଭୂମିକୁ ଅଧିଭୋଗ କରିଚାଲନ୍ତି, ସେ ଏହି ଅଧିନିୟମ ଅନୁଯାୟୀ ଏକ ଅପରାଧରେ ଦୋଷୀ ହେବେ ।

(3) ଯେଉଁ ବ୍ୟକ୍ତି ଉପଧାରା (1) ବା ଉପଧାରା (2) ର ବ୍ୟବସ୍ଥାଗୁଡିକର ଉଲଂଘନ କରନ୍ତି, ସେ ଦୋଷୀ ସାବ୍ୟସ୍ତ ହେଲେ, ଅନ୍ୟୂନ ଏକ ବର୍ଷ ଓ ସର୍ବାଧିକ ସାତ ବର୍ଷ ପର୍ଯ୍ୟନ୍ତ କାରାବାସ ଦଣ୍ଡରେ ଓ କୋଡ଼ିଏ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ ।

ଭୂମି ହଡ଼ପ ସଂପର୍କିତ ଅନ୍ୟାନ୍ୟ ଅପରାଧଗୁଡ଼ିକ ନିମନ୍ତେ ଶାସ୍ତି ।

5. ଯେଉଁ ବ୍ୟକ୍ତି ଏହି ଅଧିନିୟମର ବ୍ୟବସ୍ଥାଗୁଡିକର ଉଲ୍ଲଂଘନ କରି ଭୂମି ହଡ଼ପ ଲକ୍ଷ୍ୟରେ ବା ସେପରି କୌଣସି ଭୂମି ସଂପର୍କରେ:-

(କ) କୌଣସି ହଡ଼ପ କରାଯାଇଥିବା ଭୂମି ବିକ୍ରୟ ବା ଆବଣ୍ଟିତ କରନ୍ତି, ବା ବିକ୍ରୟ ବା ଆବଣ୍ଟନ ନିମନ୍ତେ ପ୍ରସ୍ତାବ ବା ବିଜ୍ଞାପନ ଦିଅନ୍ତି, ବା ବିକ୍ରୟ ବା ଆବଣ୍ଟନ ଉଦ୍ଦେଶ୍ୟରେ ନିଜ ଦଖଲରେ ରଖିଥାନ୍ତି; ବା

(ଖ) ଭୂମି ହଡ଼ପ କରିବା ପାଇଁ କୌଣସି ବ୍ୟକ୍ତିଙ୍କୁ ପ୍ରରୋଚିତ କରନ୍ତି ବା ଉଦ୍ଦୀପିତ କରନ୍ତି; ବା

(ଗ) ବିକ୍ରୟ ବା ଆବଣ୍ଟନ ସହିତ ସଂପର୍କ ଥିବା, କୌଣସି ହଡ଼ପ ଭୂମି ବ୍ୟବହାର କରନ୍ତି ବା ସେହି ଉଦ୍ଦେଶ୍ୟରେ ଜାଣିଶୁଣି ବ୍ୟବହାର କରିବାକୁ ଦିଅନ୍ତି ବା ଅନୁମତି ଦିଅନ୍ତି; ବା

(ଘ) ସେପରି ଭୂମିରେ କୌଣସି ନିର୍ମାଣକାର୍ଯ୍ୟ ବା କୋଠା ନିର୍ମାଣ କରିବା ସକାଶେ କୌଣସି ରାଜିନାମା କରନ୍ତି;ବା

(ଙ) ଉପରୋକ୍ତ ଯେ କୌଣସି କାର୍ଯ୍ୟ କରିବା ପାଇଁ କୌଣସି ବ୍ୟକ୍ତିଙ୍କୁ ବ୍ୟବହାର କରନ୍ତି ବା ଯୋଗାଡ଼ କରନ୍ତି ବା ଯୋଗାଡ଼ କରିବାକୁ ଉଦ୍ୟମ କରନ୍ତି,

ସେ ଦୋଷୀ ସାବ୍ୟସ୍ତ ହେଲେ, ଅନ୍ୟୂନ ଏକ ବର୍ଷ ଓ ସର୍ବାଧିକ ସାତ ବର୍ଷ ପର୍ଯ୍ୟନ୍ତ କାରାବାସ ଦଣ୍ଡରେ ଓ କୋଡ଼ିଏ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ ହେବେ ।

କଂପାନିମାନଙ୍କ ଦ୍ୱାରା ଅପରାଧ ।

6. (1) ଯଦି ଏହି ଅଧିନିୟମ ଅନୁଯାୟୀ ଏକ ଅପରାଧ କରୁଥିବା ବ୍ୟକ୍ତି କୌଣସି କଂପାନି ହୋଇଥାଏ, ତେବେ ଉକ୍ତ କଂପାନି ତଥା ଅପରାଧ ଘଟିବା ସମୟରେ କଂପାନି ଦାୟିତ୍ୱରେ ଥିବା ଓ ଉତ୍ତରଦାୟୀ ହେଉଥିବା ପ୍ରତ୍ୟେକ ବ୍ୟକ୍ତି ଦୋଷୀ ରୂପେ ବିବେଚିତ ହେବେ ଓ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ତଦନୁଯାୟୀ ଦଣ୍ଡବିଧାନ କରାଯିବ:

ପରନ୍ତୁ ଯଦି ସେପରି କୌଣସି ବ୍ୟକ୍ତି ପ୍ରମାଣିତ କରନ୍ତି ଯେ, ଅପରାଧଟି ତାଙ୍କ ଅଜ୍ଞାତସାରରେ ହୋଇଥିଲା ବା ଉକ୍ତ ଅପରାଧକୁ ନିବାରଣ କରିବା ପାଇଁ ସେ ସମସ୍ତ ଯଥୋଚିତ ପଦକ୍ଷେପ ନେଇଥିଲେ, ତେବେ ଏହି ଉପଧାରାରେ ଥିବା କୌଣସି ବିଷୟ ତାଙ୍କୁ କୌଣସି ଦଣ୍ଡ ପାଇଁ ଦାୟୀ କରିବ ନାହିଁ ।

(2) ଉପଧାରା (1) ରେ ଯାହାକିଛି ଥିବା ସତ୍ତ୍ୱେ, ଯଦି ଏହି ଅଧିନିୟମ ଅନୁଯାୟୀ କୌଣସି ଅପରାଧ ଏକ କଂପାନି ଦ୍ୱାରା କରାଯାଇଥାଏ ଏବଂ ପ୍ରମାଣିତ ହୁଏ ଯେ, ଅପରାଧଟି କଂପାନିର କୌଣସି ନିର୍ଦ୍ଦେଶକ, ପରିଚାଳକ, ସଚିବ ବା ଅନ୍ୟ ଅଧିକାରୀଙ୍କ ସମ୍ମତି ବା ମନ୍ତ୍ରଣା କ୍ରମେ କରାଯାଇଛି ବା ତାଙ୍କର ଅବହେଳା ଯୋଗୁଁ ଅପରାଧଟି ଘଟିଛି, ତେବେ ସେ ମଧ୍ୟ ଉକ୍ତ ଅପରାଧ ପାଇଁ ଦୋଷୀ ରୂପେ ବିବେଚିତ ହେବେ ଓ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଓ ତଦନୁଯାୟୀ ଦଣ୍ଡବିଧାନ କରାଯିବ ।

**ସ୍ପଷ୍ଟୀକରଣ:**– ଏହି ଧାରା ଉଦ୍ଦେଶ୍ୟରେ,–

(କ) 'କଂପାନି' ଅର୍ଥ କୌଣସି ନିଗମିତ ନିକାୟ ଏବଂ ଏଥିରେ ଏକ ନ୍ୟାସ, ଫାର୍ମ, ସମିତି ବା ବ୍ୟକ୍ତି ମାନଙ୍କର ଅନ୍ୟ ସଂଘ ମଧ୍ୟ ଅନ୍ତର୍ଭୁକ୍ତ; ଏବଂ

(ଖ) (i) ଏକ ଫାର୍ମ ସଂପର୍କରେ 'ନିର୍ଦ୍ଦେଶକ' ଅର୍ଥ ଏକେତ ଫାର୍ମର ସ୍ୱତ୍ତ୍ୱାଧିକାରୀ, ଅଥବା ଭାଗୀଦାର;

(ii) ଏକ ସମିତି, ନ୍ୟାସ ବା ବ୍ୟକ୍ତିମାନଙ୍କର ଅନ୍ୟ ସଂଘ ସଂପର୍କରେ ନିର୍ଦ୍ଦେଶକ ଅର୍ଥ କୌଣସି ସମିତି, ନ୍ୟାସ ବା ଅନ୍ୟ ସଂଘର ନିୟମାବଳୀ ଅନୁଯାୟୀ ଯେଉଁ ବ୍ୟକ୍ତିଙ୍କ ଉପରେ ଯଥାସ୍ଥିତି, ଉକ୍ତ ସମିତି, ନ୍ୟାସ ବା ଅନ୍ୟ ସଂଘର ବ୍ୟାପାରର ପରିଚାଳନା ଦାୟିତ୍ୱ ନ୍ୟସ୍ତ ହୋଇଥାଏ, ସେହି ବ୍ୟକ୍ତି ।

ସ୍ୱତନ୍ତ୍ର ନ୍ୟାୟାଳୟ ଓ ତାହାର ବେଞ୍ଚ ଗୁଡ଼ିକର ଗଠନ ।

7. (1) ଭୂମି ହଡ଼ପ ସଂକ୍ରାନ୍ତରେ ଅଭିଯୋଗ ହୋଇଥିବା କୌଣସି କାର୍ଯ୍ୟର ତ୍ୱରିତ ତଦନ୍ତ ଓ ହଡ଼ପ ହୋଇଥିବା ଭୂମିର ମାଲିକାନା ଓ ହକ୍ ବା ଆଇନସମ୍ମତ ଦଖଲ ସଂପର୍କିତ ମାମଲାଗୁଡ଼ିକର ବିଚାରଣ ନିମନ୍ତେ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ ସରକାର ଅଧିସୂଚନା ଦ୍ୱାରା ଏକ ସ୍ୱତନ୍ତ୍ର ନ୍ୟାୟାଳୟ ଗଠନ କରିପାରିବେ ।

(2) ଏକ ସ୍ୱତନ୍ତ୍ର ନ୍ୟାୟାଳୟ, ଜଣେ ଚେୟାରମ୍ୟାନ ଓ ଅନ୍ୟ ଚାରି ଜଣ ସଦସ୍ୟଙ୍କୁ ନେଇ ଗଠିତ ହେବ, ଯେଉଁମାନେ କି ସରକାରଙ୍କ ଦ୍ୱାରା ନିଯୁକ୍ତ ହେବେ ।

(3) ଚେୟାରମ୍ୟାନ, ଉଚ୍ଚନ୍ୟାୟାଳୟର କାର୍ଯ୍ୟରତ ବିଚାରପତି ବା ବିଚାରପତି ହୋଇସାରିଥିବା ଜଣେ ବ୍ୟକ୍ତି ହେବେ ଏବଂ ଅନ୍ୟ ଚାରିଜଣ ସଦସ୍ୟଙ୍କ ମଧ୍ୟରୁ ଦୁଇ ଜଣ କାର୍ଯ୍ୟରତ ଜିଲ୍ଲାଜଜ୍ ବା ଜିଲ୍ଲାଜଜ୍ ହୋଇ ସାରିଥିବା ବ୍ୟକ୍ତି (ଏହାପରେ ନ୍ୟାୟିକ ସଦସ୍ୟ ରୂପେ ସୂଚିତ) ଏବଂ ଅନ୍ୟ ଦୁଇଜଣ ସଦସ୍ୟ ଜିଲ୍ଲାପାଳ ପଦ ଧାରଣ କରୁଥିବା ବା କରିସାରିଥିବା ବ୍ୟକ୍ତି(ଏହାପରେ ରାଜସ୍ୱ ସଦସ୍ୟ ରୂପେ ସୂଚିତ) ହେବେ:

ପରନ୍ତୁ ସ୍ୱତନ୍ତ୍ର ନ୍ୟାୟାଳୟର ଚେୟାରମ୍ୟାନ ରୂପେ ଏକ ଉଚ୍ଚନ୍ୟାୟାଳୟର ବିଚାରପତି ହୋଇସାରିଥିବା ଜଣେ ବ୍ୟକ୍ତିଙ୍କୁ, ସଂପୃକ୍ତ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ସହ ପରାମର୍ଶ କ୍ରମେ ନିଯୁକ୍ତି ଦିଆଯିବ:

ଅଧିକନ୍ତୁ ଏକ ଉଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ ବିଚାରପତିଙ୍କୁ ଚେୟାରମ୍ୟାନ ରୂପେ ନିଯୁକ୍ତି ଦିଆଯିବା ବେଳେ ସଂପୃକ୍ତ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ଦ୍ୱାରା ମନୋନୀତ ହୋଇ ଭାରତର ପ୍ରଧାନ ବିଚାରପତିଙ୍କ ସହମତି କ୍ରମେ ସେପରି ନିଯୁକ୍ତି ଦିଆଯିବ ।

(4) ସରକାର ଯେକୌଣସି ସମୟରେ ସେପରି ସ୍ୱତନ୍ତ୍ର ନ୍ୟାୟାଳୟକୁ ଉଚ୍ଛେଦ କରିପାରିବେ ।

(5) ଚେୟାରମ୍ୟାନ ଓ ଅନ୍ୟ ସଦସ୍ୟମାନେ ନିଜନିଜର ପଦଧାରଣ କରିବା ତାରିଖ ଠାରୁ ତିନି ବର୍ଷ ଅବଧି ପାଇଁ ବା ସେମାନଙ୍କୁ ପଞ୍ଚଷଠି ବର୍ଷ ବୟସ ହେବା ପର୍ଯ୍ୟନ୍ତ ବା ଉପଧାରା (4) ଅନୁଯାୟୀ ସ୍ୱତନ୍ତ୍ର ନ୍ୟାୟାଳୟ ଉଚ୍ଛେଦ ହେବା ପର୍ଯ୍ୟନ୍ତ, ଏଗୁଡ଼ିକ ମଧ୍ୟରୁ ଯେଉଁଟି ପ୍ରଥମେ ପଡ଼ିବ, ସେହିଦିନ ପର୍ଯ୍ୟନ୍ତ ସେପରି ପଦ ଧାରଣ କରିବେ ।

(6) ଏହି ଅଧିନିୟମର ଅନ୍ୟ ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହୋଇ, ସ୍ୱତନ୍ତ୍ର ନ୍ୟାୟାଳୟର ଅଧିକାରିତା, କ୍ଷମତା ଓ ପ୍ରାଧିକାର, ତାହାର ଚେୟାରମ୍ୟାନ, ଜଣେ ନ୍ୟାୟିକ ସଦସ୍ୟ ଓ ଜଣେ ରାଜସ୍ୱ ସଦସ୍ୟଙ୍କୁ ନେଇ ଗଠିତ ଏକ ବେଞ୍ଚ ଏବଂ ଜଣେ ନ୍ୟାୟିକ ସଦସ୍ୟ ଓ ଜଣେ ରାଜସ୍ୱ ସଦସ୍ୟଙ୍କୁ ନେଇ ଗଠିତ ଅନ୍ୟ ଏକ ବେଞ୍ଚ ଦ୍ୱାରା ପ୍ରୟୋଗ କରାଯାଇପାରିବ ।

(7) ଯେଉଁସ୍ଥଳେ ଚେୟାରମ୍ୟାନଙ୍କୁ ନେଇ ବେଞ୍ଚ ଗଠିତ ହୋଇଥିବ, ସେହିସ୍ଥଳେ, ସେ ଉକ୍ତ ବେଞ୍ଚର ପୀଠାସୀନ ଅଧିକାରୀ ହେବେ ଏବଂ ଯେଉଁ ସ୍ଥଳେ ଦୁଇଜଣ ସଦସ୍ୟଙ୍କୁ ନେଇ ବେଞ୍ଚ ଗଠିତ ହୋଇଥିବ, ସେହିସ୍ଥଳେ, ନ୍ୟାୟିକ ସଦସ୍ୟ ପୀଠାସୀନ ଅଧିକାରୀ ହେବେ ।

(8) ଚେୟାରମ୍ୟାନ ନିଜ ତରଫରୁ ହେଉ କି ଏକ ରେଫରେନସ କ୍ରମେ ହେଉ, କୌଣସି ବେଞ୍ଚରେ ବିଚାରାଧିନ ଥିବା କୌଣସି ମାମଲା ପ୍ରତ୍ୟାହାର କରିବା ପାଇଁ ଓ ତାହା ଫଏସଲା କରିବା

ପାଇଁ ବା ନ୍ୟାୟ ଦୃଷ୍ଟିରୁ କୌଣସି ମାମଲାକୁ ଗୋଟିଏ ବେଞ୍ଚରୁ ଅନ୍ୟ ଏକ ବେଞ୍ଚକୁ ଅନ୍ତରଣ କରିବା ପାଇଁ ସକ୍ଷମ ହେବେ ।

(୨) ଯେଉଁସ୍ଥଳେ ଏହି ଅଧିନିୟମ ଅନୁଯାୟୀ ଏକ ଅପରାଧ ପାଇଁ ଅଭିଯୁକ୍ତ କୌଣସି ବ୍ୟକ୍ତିଙ୍କ ସିଭିଲ ଦାୟିତ୍ୱର ବିଚାରଣ ଦୀର୍ଘ ସମୟ ନେବାର ସମ୍ଭାବନା ଅଛି ବୋଲି ଯୁକ୍ତିଯୁକ୍ତ ଭାବେ ଆଶଂକା କରାଯାଉଥାଏ, ସେହିସ୍ଥଳେ, ମାମଲାର ତ୍ୱରିତ ଫଏସଲାର ହିତ ଦୃଷ୍ଟିରୁ, ଉକ୍ତ ଅପରାଧୀଙ୍କ ଅପରାଧିକ ଦାୟିତ୍ୱର ବିଚାରଣ ଅନ୍ୟ ଏକ ବେଞ୍ଚକୁ ନ୍ୟସ୍ତ କରିବାକୁ ଚେୟାରମ୍ୟାନ ସକ୍ଷମ ହେବେ ।

(10) ଯେଉଁ ସ୍ଥଳେ ଏହି ଅଧିନିୟମ ଅନୁଯାୟୀ ଦୁଇ ଜଣ ସଦସ୍ୟ ବିଶିଷ୍ଟ ଏକ ବେଞ୍ଚ ଦ୍ୱାରା ଏକ ମାମଲାର ଶୁଣାଣି ହୋଇଥାଏ ଏବଂ ସେମାନଙ୍କ ମଧ୍ୟରେ ମତର ବିଭାଜନ ହୁଏ, ସେହିସ୍ଥଳେ ମାମଲାଟି ସେମାନଙ୍କ ମତ ସହିତ ଅନ୍ୟ ଜଣେ ନ୍ୟାୟିକ ସଦସ୍ୟ ବା ଚେୟାରମ୍ୟାନଙ୍କ ସମକ୍ଷରେ ଉପସ୍ଥାପନ କରାଯିବ ଏବଂ ଯଥାସ୍ଥିତି, ଉକ୍ତ ସଦସ୍ୟ ବା ଚେୟାରମ୍ୟାନ ଉପଯୁକ୍ତ ମନେ କରିବା ମତେ ଶୁଣାଣି କରିବା ପରେ ତାଙ୍କର ମତ ପ୍ରଦାନ କରିବେ ଏବଂ ସେହି ମତ ଅନୁସାରେ ନିଷ୍ପତ୍ତି ବା ଆଦେଶ ଦିଆଯିବ ।

**ସ୍ୱତନ୍ତ୍ର ନ୍ୟାୟାଳୟ ଦ୍ୱାରା ପ୍ରକ୍ରିୟା ବିନିୟମିତ ହେବ ।**

୫. (1) ଚେୟାରମ୍ୟାନ, ଅଧିସୂଚନା ଦ୍ୱାରା ମାମଲାଗୁଡିକର ପରିଚାଳନା ନିମନ୍ତେ ଅନୁସୃତ ହେବାକୁ ଥିବା ପ୍ରକ୍ରିୟା ଓ ନିଷ୍ପତ୍ତି ନେବାର ରୀତିକୁ ବିନିୟମିତ କରିବା ନିମନ୍ତେ ଏହି ଅଧିନିୟମ ବା ନିୟମାବଳୀର ବ୍ୟବସ୍ଥାଗୁଡିକ ସହିତ ଅସଂଗତ ହେଉନଥିବା ବିନିୟମାବଳୀ ପ୍ରଣୟନ କରିପାରିବେ ।

(2) ଏହି ଧାରା ଅନୁଯାୟୀ ପ୍ରଣୀତ ପ୍ରତ୍ୟେକ ବିନିୟମ, ତାହା ପ୍ରଣୟନ କରାଯିବା ପରେ ପରେ ଯଦି ଓଡିଶା ବିଧାନ ସଭାର ଅଧିବେଶନ ଚାଲିଥାଏ ତେବେ ସେଠାରେ ଏବଂ ଯଦି ଅଧିବେଶନ ଚାଲିନଥାଏ ତେବେ ତାହାର ଠିକ୍ ପରବର୍ତ୍ତୀ ଅଧିବେଶନରେ ବା କ୍ରମାଗତ ଦୁଇଟି ଅଧିବେଶନରେ ସମୁଦାୟ ଚଉଦ ଦିନ ଅବଧି ନିମନ୍ତେ ଉପସ୍ଥାପନ କରାଯିବ ଏବଂ ଯଦି ସେପରି ଉପସ୍ଥାପନ ହୋଇଥିବା ଅଧିବେଶନ ବା ପରବର୍ତ୍ତୀ ଅଧିବେଶନର ଅବସାନ ପୂର୍ବରୁ ଉକ୍ତ ବିନିୟମରେ କୌଣସି ପରିବର୍ତ୍ତନ କରିବା ପାଇଁ ବା ବିନିୟମଟି ନିରସନ କରିବା ପାଇଁ ବିଧାନ ସଭା ସହମତି ପ୍ରକାଶ କରନ୍ତି, ତେବେ ବିନିୟମଟିର ପରିବର୍ତ୍ତନ ବା ନିରସନ ଅଧିସୂଚିତ ହେବା ତାରିଖ ଠାରୁ ଯଥାସ୍ଥିତି, ସେପରି ପରିବର୍ତ୍ତିତ ରୂପରେ ପ୍ରଭାବୀ ହେବ ବା ନିରସିତ ହୋଇଯିବ, ଯାହାହେଲେବି ଉକ୍ତ ବିନିୟମ ଅନୁଯାୟୀ ପୂର୍ବରୁ କରାଯାଇଥିବା କୌଣସି କାର୍ଯ୍ୟର ବିଧିମାନ୍ୟତା ପ୍ରତି ସେପରି ପରିବର୍ତ୍ତନ ବା ନିରସନ କୌଣସି ଆଞ୍ଚ ଆଣିବ ନାହିଁ ।

(3) ସିଭିଲ ପ୍ରକ୍ରିୟା ସଂହିତା, 1908 ରେ ଯାହାକିଛି ଥିବା ସତ୍ତ୍ୱେ, ସ୍ୱତନ୍ତ୍ର ନ୍ୟାୟାଳୟ ନିଜର ପ୍ରକ୍ରିୟା ଅନୁସରଣ କରିପାରିବ ଯାହାକି ସିଭିଲ ଦାୟିତ୍ୱ ନିଷ୍ପତ୍ତି କରିବା ସମୟରେ ପ୍ରାକୃତିକ ନ୍ୟାୟ ଓ

ନ୍ୟାୟବିଗ୍ରହର ନୀତି ସହିତ ଅସଂଗତ ହେଉନଥିବ ଏବଂ ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀର ଅନ୍ୟ ବ୍ୟବସ୍ଥାଗୁଡ଼ିକ ପ୍ରତି ସାପେକ୍ଷ ହେଉଥିବ ।

(4) ସ୍ୱତନ୍ତ୍ର ନ୍ୟାୟାଳୟର କୌଣସି କାର୍ଯ୍ୟ ବା କାର୍ଯ୍ୟାନୁଷ୍ଠାନ, ତାହାର ସଦସ୍ୟମାନଙ୍କ ମଧ୍ୟରେ କୌଣସି ଶୂନ୍ୟ ସ୍ଥାନ ଅଛି ବୋଲି ବା ତାହାର ଗଠନରେ କୋଣସି ତ୍ରୁଟି ଅଛି ବୋଲି କେବଳ ମାତ୍ର ସେହି କାରଣରୁ ଅବିଧିମାନ୍ୟ ବୋଲି ବିବେଚିତ ହେବ ନାହିଁ ।

ଚେୟାରମ୍ୟାନ ଓ ସଦସ୍ୟମାନଂକ ଅପସାରଣ ।

୨. (1) ମୁଖ୍ୟ ବିଗ୍ରହପତିଂକ ସହିତ ପରାମର୍ଶ କ୍ରମେ ରାଜ୍ୟପାଳ, ଚେୟାରମ୍ୟାନଂକୁ ପଦରୁ ଅପସାରଣ କରିପାରିବେ ଏବଂ ସରକାର ନିମ୍ନଲିଖିତ କ୍ଷେତ୍ରରେ ଯେକୌଣସି ସଦସ୍ୟଙ୍କୁ ଅପସାରଣ କରିପାରିବେ,-

(କ) ଯେଉଁ ସଦସ୍ୟ ଜଣେ ଦେବାଳିଆ ରୂପେ ଘୋଷିତ ହୋଇଥାନ୍ତି, ବା

(ଖ) ଯେଉଁ ସଦସ୍ୟ ଏପରି ଏକ ଅପରାଧ ପାଇଁ ଦୋଷୀ ସାବ୍ୟସ୍ତ ହୋଇଥାନ୍ତି, ଯାହାକି ସରକାରଂକ ମତରେ ନୈତିକ ଭ୍ରଷ୍ଟାଚାର ଜଡ଼ିତ ଅପରାଧ ହୋଇଥାଏ,ବା

(ଗ) ଯେଉଁ ସଦସ୍ୟ ଶାରୀରିକ ବା ମାନସିକ ସ୍ତରରେ ଅସମର୍ଥ ହୋଇପଡନ୍ତି,ବା

(ଘ) ଯେଉଁ ସଦସ୍ୟ ଏପରି ଆର୍ଥିକ ବା ଅନ୍ୟ ସ୍ୱାର୍ଥ ହାସଲ କରିଥାନ୍ତି, ଯାହାକି ତାଙ୍କ କର୍ତ୍ତବ୍ୟ ସଂପାଦନକୁ ପ୍ରତିକୂଳ ଭାବେ ପ୍ରଭାବିତ କରିବାର ସମ୍ଭାବନା ଥାଏ, ବା

(ଙ) ଯେଉଁ ସଦସ୍ୟ ନିଜ ପଦର ଏପରି ଦୁରୁପଯୋଗ କରିଥାନ୍ତି ଯଦ୍ଦ୍ୱାରା ସେ ଆଉ ପଦରେ ରହିବା ସର୍ବସାଧାରଣ ସ୍ୱାର୍ଥର ପ୍ରତିକୂଳ ହେବ ।

(2) ଜଣେ ଚେୟାରମ୍ୟାନଂକୁ ତାଙ୍କ ବିରୁଦ୍ଧରେ ଅଭିଯୋଗ ସୂଚୀତକରି ଉଚ୍ଚନ୍ୟାୟାଳୟର ମୁଖ୍ୟବିଚାରପତିଙ୍କ ଦ୍ୱାରା ତଦନ୍ତ କରାଯିବା ପରେ ରାଜ୍ୟପାଳଙ୍କ ଦ୍ୱାରା ଏକ ଆଦେଶ ବିନା ଚେୟାରମ୍ୟାନଂକୁ ପଦରୁ ଅପସାରଣ କରାଯିବ ନାହିଁ ।

(3) ଜଣେ ସଦସ୍ୟଙ୍କୁ ଶୁଣାଣିର ଏକ ସୁଯୋଗ ନ ଦେଇ ତାଙ୍କୁ ପଦରୁ ଅପସାରଣ କରାଯିବ ନାହିଁ ।

ଅଧିକାରୀମାନଙ୍କୁ ପ୍ରାଧିକୃତ କରାଯିବ ।

10. ରାଜ୍ୟ ସରକାର, ଅଧିସୂଚନା ଦ୍ୱାରା ତହସିଲଦାର ପାହ୍ୟାରୁ କମ୍ ହୋଇନଥିବା ଜଣେ ସରକାରୀ ଅଧିକାରୀଂକୁ ପ୍ରଶାସନିକ କାର୍ଯ୍ୟ ନିମନ୍ତେ ଓ ଏହି ଅଧିନିୟମର ବ୍ୟବସ୍ଥାଗୁଡିକୁ କାର୍ଯ୍ୟକାରୀ କରିବା, ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଂଘନ କରୁଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ଏବଂ ଅଧିସୂଚନାରେ ବିନିର୍ଦ୍ଦିଷ୍ଟ ହେବା ମତେ ସେପରି କ୍ଷମତା ପ୍ରୟୋଗ କରିବା ଓ ସେପରି କୃତ୍ୟ ସଂପାଦନ କରିବା ନିମନ୍ତେ ପ୍ରାଧିକୃତ କରିପାରିବେ ।

ସ୍ୱତନ୍ତ୍ର ନ୍ୟାୟାଳୟର କ୍ଷମତା ।

11. (1) ସ୍ୱତନ୍ତ୍ର ନ୍ୟାୟାଳୟ ସ୍ୱତଃପ୍ରବୃତ୍ତଭାବେ ହେଉ ବା କୌଣସି ବ୍ୟକ୍ତି, ଅଧିକାରୀ ବା ପ୍ରାଧିକାରୀଙ୍କ ଦ୍ୱାରା ଏକ ଦରଖାସ୍ତ କ୍ରମେ ହେଉ, ଭୂମି ହଡପ ଅଭିଯୋଗରୁ ଉପୁଜୁଥିବା ବା ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ହେଉ ବା ପରେ ହେଉ, ହଡପ ହୋଇଥିବା ଭୂମିର ମାଲିକାନା ଓ ହକ୍ ବା ଆଇନସମ୍ମତ ଦଖଲ ସଂପର୍କିତ ପ୍ରତ୍ୟେକ ମାମଲାର ସଂଜ୍ଞାନ ନେଇପାରିବେ ଓ ବିଗ୍ରହଣ କରିପାରିବେ ଏବଂ ସେ ଉପଯୁକ୍ତ ମନେ କରିବା ମତେ ଅନ୍ତରୀଣ ଆଦେଶ ସମେତ ଯେପରି ଆଦେଶ ଦେଇପାରିବେ ।

(2) ମାମଲାର ସଂଜ୍ଞାନ ନେବା ଉଦ୍ଦେଶ୍ୟରେ, ସ୍ୱତନ୍ତ୍ର ନ୍ୟାୟାଳୟ ହଡପ ଅଭିଯୋଗ ହୋଇଥିବା ଭୂମିର ଅବସ୍ଥିତି ବା ପରିମାଣ ବା ମୂଲ୍ୟ ବା ସେଥିରେ ଜଡିତ କ୍ଷତିର ପ୍ରକୃତି ବା ନ୍ୟାୟ ରକ୍ଷା ଦୃଷ୍ଟିରୁ ଆବଶ୍ୟକତା ବା ଅନ୍ୟ କୌଣସି ପ୍ରାସଙ୍ଗିକ ବିଷୟକୁ ବିଗ୍ରହକୁ ନେବେ ।

(3) ସିଭିଲ ପ୍ରକ୍ରିୟା ସଂହିତା, 1908 ଓ ଦଣ୍ଡ ପ୍ରକ୍ରିୟା ସଂହିତା, 1973 ରେ ଯାହାକିଛି ଥିବା ସତ୍ତ୍ୱେ, ଭୂମି ହଡପ ଅଭିଯୋଗ ସଂକ୍ରାନ୍ତରେ ଅଭିଯୋଗ ହୋଇଥିବା କୌଣସି କାର୍ଯ୍ୟ ବା ଏହି ଅଧିନିୟମ ଅନୁଯାୟୀ ହଡପ ହୋଇଥିବା କୌଣସି ଭୂମିର ହକ୍ ଓ ମାଲିକାନା ସଂପର୍କିତ ପ୍ରଶ୍ନର ଅବଧାରଣ ବା ଆଇନସମ୍ମତ ଦଖଲ ସଂପର୍କିତ କୌଣସି ମାମଲା, ଏହି ଅଧିନିୟମର ବ୍ୟବସ୍ଥା ଗୁଡିକ ପ୍ରତି ସାପେକ୍ଷ ହୋଇ, ସ୍ୱତନ୍ତ୍ର ନ୍ୟାୟାଳୟ ଦ୍ୱାରା ବିଚାର କରାଯିବ ଓ ସ୍ୱତନ୍ତ୍ର ନ୍ୟାୟାଳୟର ନିଷ୍ପତ୍ତି ଚୂଡାନ୍ତ ହେବ :

ପରନ୍ତୁ ଯଦି ସ୍ୱତନ୍ତ୍ର ନ୍ୟାୟାଳୟ ତାଙ୍କ ନିକଟରେ ଦାଖଲ କରାଯାଇଥିବା କୌଣସି ଦରଖାସ୍ତ ପ୍ରଥମ ଦୃଷ୍ଟିରେ ନଗଣ୍ୟ ବା ଅମୂଳକ ବୋଲି ମତ ପୋଷଣ କରନ୍ତି, ତେବେ ଆଉ ଅଧିକ ତଦନ୍ତ ନକରି ତାହାକୁ ନାକଚ କରିଦେବେ ।

(4) ଦଣ୍ଡ ପ୍ରକ୍ରିୟା ସଂହିତା, 1973 ରେ ଯାହାକିଛି ଥିବା ସତ୍ତ୍ୱେ, ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ ସମସ୍ତ ଅପରାଧ ଗୁଡିକ ବିଚାର କରିବା ସ୍ୱତନ୍ତ୍ର ନ୍ୟାୟାଳୟଙ୍କ ପକ୍ଷେ ଆଇନସମ୍ମତ ହେବ କିନ୍ତୁ ମାଜିଷ୍ଟ୍ରେଟଙ୍କ ଦ୍ୱାରା ୱାରେଣ୍ଟ ମାମଲାର ବିଗ୍ରହଣ ପାଇଁ ଉକ୍ତ ସଂହିତାର ବିହିତ ପ୍ରକ୍ରିୟା ଅନୁସରଣ କରିବେ ।

(5) ଜଣେ ଭୂମି ହଡପକାରୀଙ୍କ ବିରୁଦ୍ଧରେ ସିଭିଲ ଓ ଫୌଜଦାରୀ ଦାୟିତ୍ୱ କେଉଁ କ୍ରମରେ ଆରମ୍ଭ କରାଯିବ ତାହା ସ୍ୱତନ୍ତ୍ର ନ୍ୟାୟାଳୟ ଅବଧାରଣ କରିବେ ।

(6) ଉଭୟ ସିଭିଲ ଓ ଫୌଜଦାରି କାର୍ଯ୍ୟାନୁଷ୍ଠାନ ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ, ସ୍ୱତନ୍ତ୍ର ନ୍ୟାୟାଳୟ ତାଙ୍କ ନିଷ୍ପତ୍ତି ବା ଆଦେଶ ଦେବେ କି ନାହିଁ ତାହା ତାଙ୍କ ଇଚ୍ଛାଧୀନ ଅଟେ ।

(7) ଫୌଜଦାରୀ କାର୍ଯ୍ୟବିଧିରେ ଗ୍ରହଣ କରାଯାଇଥିବା ସାକ୍ଷ୍ୟକୁ ସିଭିଲ ଦାୟିତ୍ୱ ସଂପର୍କିତ ମାମଲା ବିଚାର କରିବା ବେଳେ ବ୍ୟବହାର କରାଯାଇପାରିବ, କିନ୍ତୁ ସିଭିଲ କାର୍ଯ୍ୟବିଧିରେ ଯଦି କୌଣସି ଅତିରିକ୍ତ ସାକ୍ଷ୍ୟ ଦିଆଯାଇ ଥାଏ ତେବେ ଫୌଜଦାରୀ ଦାୟିତ୍ୱ ନିର୍ଦ୍ଧାରଣ କରିବାବେଳେ ସ୍ୱତନ୍ତ୍ର ନ୍ୟାୟାଳୟ ତାହା ବିଚାରକୁ ନେବେ ନାହିଁ ।

(8) ସ୍ୱତନ୍ତ୍ର ନ୍ୟାୟାଳୟ ସମକ୍ଷରେ ଭୂମି ହଡପ ବା ତାହାର କୁପ୍ରବର୍ତ୍ତନା ଅଭିଯୋଗରେ ଅଭିଯୁକ୍ତ କୌଣସି ବ୍ୟକ୍ତି ନିଜ ପ୍ରତିରକ୍ଷାରେ ସାକ୍ଷ୍ୟ ପ୍ରଦାନ କରିବା ପାଇଁ ସକ୍ଷମ ହେବେ ଏବଂ କୌଣସି ଫୌଜଦାରୀ କାର୍ଯ୍ୟବିଧିରେ ତାଙ୍କ ବିରୁଦ୍ଧରେ ବା ତାଙ୍କ ସହିତ ଅନ୍ୟ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ଅଣାଯାଇଥିବା କୌଣସି ଅଭିଯୋଗକୁ ଖଣ୍ଡନ କରିବା ପାଇଁ ଶପଥପୂର୍ବକ ସାକ୍ଷ୍ୟ ପ୍ରଦାନ କରିପାରିବେ :

ପରନ୍ତୁ ସେ ଲିଖିତ ଭାବେ ଅନୁରୋଧ ନ କଲେ ତାଙ୍କୁ ଜଣେ ସାକ୍ଷୀ ରୂପେ ଡକାଯିବ ନାହିଁ ବା ସେ ସାକ୍ଷ୍ୟ ପ୍ରଦାନ ନ କଲେ କୌଣସି ପକ୍ଷ ବା ସ୍ୱତନ୍ତ୍ର ନ୍ୟାୟାଳୟ ସେ ସଂପର୍କରେ କୌଣସି ମନ୍ତବ୍ୟ ଦେବେ ନାହିଁ ବା ତାଙ୍କ ବିରୁଦ୍ଧରେ ବା ସେହି ଏକା କାର୍ଯ୍ୟବିଧିରେ ତାଙ୍କ ସହିତ ଅଭିଯୁକ୍ତ ଅନ୍ୟ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି ପୂର୍ବାନୁମାନ କରାଯିବ ନାହିଁ ।

(9) ଉପଧାରା (1) ଅନୁଯାୟୀ ପ୍ରତ୍ୟେକ ମାମଲା, ସ୍ୱତନ୍ତ୍ର ନ୍ୟାୟାଳୟରେ ମାମଲା ଦାଏର ହେବା ତାରିଖ ଠାରୁ ଯେତେଦୂର ସମ୍ଭବ ଛଅ ମାସ ଅବଧି ମଧ୍ୟରେ ସ୍ୱତନ୍ତ୍ର ନ୍ୟାୟାଳୟ ଦ୍ୱାରା ଫଏସଲା ହେବ ।

(10) ଭୂମି ହଡପ ସଂକ୍ରାନ୍ତରେ ଅଭିଯୋଗ ହୋଇଥିବା କୌଣସି କାର୍ଯ୍ୟ ସଂପର୍କିତ ସ୍ୱତନ୍ତ୍ର ନ୍ୟାୟାଳୟର ପ୍ରତ୍ୟେକ ସିଦ୍ଧାନ୍ତ, ଭୂମି ହଡପର ସତ୍ୟତା ଓ ଭୂମି ହଡପ କରିଥିବା ବ୍ୟକ୍ତିଙ୍କ ବିଷୟରେ ଚୂଡାନ୍ତ ପ୍ରମାଣ ହେବ ଏବଂ ହଡପ ହୋଇଥିବା କୌଣସି ଭୂମିର ହକ୍ ଓ ମାଲିକନା ବା ଆଇନସମ୍ମତ ଦଖଲ ସଂପର୍କରେ ଉକ୍ତ ଭୂମିରେ ସ୍ୱାର୍ଥଥିବା ସମସ୍ତ ବ୍ୟକ୍ତିଙ୍କ ଉପରେ ଆବଦ୍ଧକର ହେବ :

ପରନ୍ତୁ ଏହି ଅଧିନିୟମ ଅନୁଯାୟୀ ମାମଲାର ସଂଜ୍ଞାନ ନିଅଯାଇଥିବା ବିଷୟ, ସ୍ୱତନ୍ତ୍ର ନ୍ୟାୟାଳୟ ଆଦେଶ ଦ୍ୱାରା ଉଲ୍ଲେଖ କରିବେ, ଏବଂ ଉକ୍ତ ଆଦେଶରେ ବିନିର୍ଦ୍ଦିଷ୍ଟ କାଳାବଧି ମଧ୍ୟରେ କୌଣସି ବ୍ୟକ୍ତିଙ୍କ ଠାରୁ ସ୍ୱତନ୍ତ୍ର ନ୍ୟାୟାଳୟ କୌଣସି ଆପତ୍ତି ପାଇଲେ ତାହା ବିଚାର କରାଯିବ ବୋଲି ସେଥିରେ ଉଲ୍ଲେଖ ରହିବ ।

(11) ନ୍ୟାୟ ଦୃଷ୍ଟିରୁ ସ୍ୱତନ୍ତ୍ର ନ୍ୟାୟାଳୟ ଯେପରି ଉପଯୁକ୍ତ ବିବେଚନା କରିବେ ସେପରି ଆଦେଶ ଦେଇପାରିବେ ଏବଂ ହଡପ ଭୂମିର ତ୍ରୁଟିପୂର୍ଣ୍ଣ ଦଖଲ ନିମନ୍ତେ ଅର୍ଥ ଆକାରରେ କ୍ଷତିପୂରଣ ନିର୍ଣ୍ଣୟ କରିପାରିବେ, ଯାହାକି ଆଦେଶ ଦେବା ତାରିଖରେ ହଡପ ଭୂମିର ବଜାର ମୂଲ୍ୟ ଏବଂ ଭୂମିରୁ ମିଳିଥିବା ଲାଭ ବାବଦରେ ଭୂମି ହଡପକାରୀଙ୍କ ଦ୍ୱାରା ସରକାରଙ୍କୁ ଦେୟ ଠାରୁ କମ୍ ହେଉନଥିବ ଏବଂ ନ୍ୟାଯ୍ୟ

ମାଲିକଙ୍କୁ ହଡପ ଭୂମି ପ୍ରତ୍ୟର୍ପଣ କରିବା ପାଇଁ ନିର୍ଦ୍ଦେଶ ଦେଇପାରିବେ ଏବଂ ସେପରି ନିର୍ଣ୍ଣିତ ହୋଇଥିବା କ୍ଷତିପୂରଣ ପରିମାଣ ଓ ଲାଭ ତଥା ପ୍ରତ୍ୟର୍ପଣ ପାଇଁ ଯଦି କିଛି ଖର୍ଚ୍ଚ ହୋଇଥାଏ, ତେବେ ତାହା, ଭୂମିର ମାଲିକ ସରକାର ହୋଇଥିଲେ, ବକେୟା ଭୂରାଜସ୍ୱ ଭାବରେ ଓ ଅନ୍ୟସ୍ଥଳେ, ଏକ ସିଭିଲ୍ ନ୍ୟାୟାଳୟର ଡିକ୍ରି ଭାବରେ ଅସୁଲ କରାଯିବ, ଯାହାକି, ସ୍ୱତନ୍ତ୍ର ନ୍ୟାୟାଳୟ ଦ୍ୱାରା ନିଷ୍ପାଦିତ ହୋଇପାରିବ ।

(12) ଯେଉଁସ୍ଥଳେ ଆପରାଧିକ ବଳ ବା ଶକ୍ତି ପ୍ରଦର୍ଶନ ବା ଆପରାଧିକ ଭୀତି ପ୍ରଦର୍ଶନ କରି ଭୂମି ହଡପ ଅପରାଧରେ ଜଣେ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୁଅନ୍ତି ଓ ସ୍ୱତନ୍ତ୍ର ନ୍ୟାୟାଳୟଙ୍କୁ ପ୍ରତୀତ ହୁଏଯେ, ସେପରି ବଳ ବା ଶକ୍ତି ବା ଭୀତି ପ୍ରଦର୍ଶନ କରି ଭୂମି ହଡପ କରାଯାଇଛି, ସେହିସ୍ଥଳେ ସ୍ୱତନ୍ତ୍ର ନ୍ୟାୟାଳୟ ଯଦି ଉପଯୁକ୍ତ ମନେ କରନ୍ତି ତେବେ ଆବଶ୍ୟକ ହେଲେ ବଳ ପ୍ରୟୋଗ କରି ଉଚ୍ଛେଦ କରିବା ପରେ ତାହାର ଦଖଲ ନେବା ପାଇଁ ଆଦେଶ ଦେଇପାରିବେ ।

ତଲାସ, ଜବତ ଓ ଅନୁସନ୍ଧାନ ।

12. (1) ଯଦି ସ୍ୱତନ୍ତ୍ର ନ୍ୟାୟାଳୟ ବିଶ୍ୱାସ କରିବାର କାରଣ ଥାଏ ଯେ, ଏହି ଅଧିନିୟମ ଅନୁଯାୟୀ କୌଣସି ଅନୁସନ୍ଧାନ ନିମନ୍ତେ ଉପାଦେୟ ବା ପ୍ରାସଂଗିକ ହେବ ବୋଲି ସେ ମନେ କରୁଥିବା କୌଣସି ଦସ୍ତାବିଜ, କୌଣସି ସ୍ଥାନରେ ଉପଲବ୍ଧ ଅଟେ, ତେବେ ସେ ଧାରା 10 ଅନୁଯାୟୀ ପ୍ରାଧିକୃତ କୌଣସି ଅଧିକାରୀଙ୍କୁ ବା ଉକ୍ତ ଅନୁସନ୍ଧାନ ଦାୟିତ୍ୱ ଦିଆଯାଇଥିବା କୌଣସି ପୋଲିସ ଅଧିକାରୀଙ୍କୁ ସେହି ଦସ୍ତାବିଜ ତଲାସ କରିବାକୁ ଓ ଜବତ କରିବାକୁ ପ୍ରାଧିକୃତ କରିପାରିବେ ।

(2) ଯଦି ସ୍ୱତନ୍ତ୍ର ନ୍ୟାୟାଳୟଙ୍କ ହୃଦବୋଧ ହୁଏଯେ, ଉପଧାରା (1) ଅନୁଯାୟୀ ଜବତ ହୋଇଥିବା କୌଣସି ଦସ୍ତାବିଜ ଏହି ଅଧିନିୟମ ଅନୁଯାୟୀ କୌଣସି ଅନୁସନ୍ଧାନ ଉଦ୍ଦେଶ୍ୟରେ ପ୍ରମାଣ ରୂପେ ବ୍ୟବହାର ହୋଇପାରିବ ଓ ଉକ୍ତ ଦସ୍ତାବିଜକୁ ତାଂକ ହେପାଜତରେ ବା ପ୍ରାଧିକୃତ ହେବା ମତେ ସେପରି ଅଧିକାରୀଂକ ହେପାଜତରେ ରଖିବା ଆବଶ୍ୟକ, ତେବେ ସେ ଉକ୍ତ ଅନୁସନ୍ଧାନ ସଂପୂର୍ଣ୍ଣ ହେବା ପର୍ଯ୍ୟନ୍ତ ସେହି ଦସ୍ତାବିଜ ରଖିପାରିବେ ବା ସେପରି ପ୍ରାଧିକୃତ ଅଧିକାରୀଂକୁ ରଖିବା ପାଇଁ ନିର୍ଦ୍ଦେଶ ଦେଇପାରିବେ ।

(3) ଅନୁସନ୍ଧାନ ଓ ତଦନ୍ତ ଉଦ୍ଦେଶ୍ୟରେ ଉପଧାରା (2) ଅନୁଯାୟୀ ପ୍ରାଧିକୃତ ଅଧିକାରୀଂକ କ୍ଷମତା ସହିତ ଦଣ୍ଡ ପ୍ରକ୍ରିୟା ସଂହିତା, 1973 ର ଅଧ୍ୟାୟ XII ଓ XV ପ୍ରଯୁଜ୍ୟ ହେବ ।

ସ୍ୱତନ୍ତ୍ର ନ୍ୟାୟାଳୟର ସିଭିଲ ନ୍ୟାୟାଳୟ ଓ ସେସନ୍‌ସ ନ୍ୟାୟାଳୟର କ୍ଷମତାମାନ ରହିବ ।

13. ଏହି ଅଧିନିୟମରେ ସ୍ପଷ୍ଟରୂପେ ବ୍ୟବସ୍ଥା ହୋଇଥିବା ବ୍ୟତିରେକେ, ସିଭିଲ ପ୍ରକ୍ରିୟା ସଂହିତା, 1908 ଓ ଦଣ୍ଡ ପ୍ରକ୍ରିୟା ସଂହିତା, 1973 ର ବ୍ୟବସ୍ଥାମାନ , ଯେତେଦୂର ଏହି ଅଧିନିୟମର ବ୍ୟବସ୍ଥାଗୁଡିକ ସହିତ ଅସଂଗତ ହେଉନଥିବ, ସେତେଦୂର ପର୍ଯ୍ୟନ୍ତ ସ୍ୱତନ୍ତ୍ର ନ୍ୟାୟାଳୟ ସମକ୍ଷରେ କାର୍ଯ୍ୟବିଧି ଗୁଡିକ ପ୍ରତି ପ୍ରଯୁଜ୍ୟ ହେବ ଏବଂ ଉକ୍ତ ଅଧିନିୟମଗୁଡିକ ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ନ୍ୟାୟାଳୟକୁ ଯଥାସ୍ଥିତି, ଏକ ସିଭିଲ ନ୍ୟାୟାଳୟ ବା ସେସନ୍‌ସ ନ୍ୟାୟାଳୟ ରୂପେ ବିବେଚନା କରାଯିବ ଏବଂ ସ୍ୱତନ୍ତ୍ର ନ୍ୟାୟାଳୟ ସମକ୍ଷରେ ଅଭିଯୋଜନ କରୁଥିବା ବ୍ୟକ୍ତି, ଜଣେ ସରକାରୀ ଅଭିଯୋଜକ ଭାବେ ବିବେଚିତ ହେବେ ।

14.(1) ଦଣ୍ଡ ପ୍ରକ୍ରିୟା ସଂହିତା, 1973 ରେ ଯାହାକିଛି ଥିବା ସତ୍ତ୍ୱେ,–

ଅପରାଧଗୁଡିକ ଧର୍ତ୍ତବ୍ୟ ଓ ଜାମିନ ଅଯୋଗ୍ୟ ହେବ ।

(କ) ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ ପ୍ରତ୍ୟେକ ଅପରାଧ ଧର୍ତ୍ତବ୍ୟ ହେବ;

(ଖ) ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ ଏକ ଅପରାଧରେ ଅଭିଯୁକ୍ତ କୌଣସି ବ୍ୟକ୍ତି ଜାମିନରେ ବା ନିଜ ମୁଚ୍ଳିକାରେ ମୁକୁଳିବେ ନାହିଁ , ଯଦି–

(i) ସେପରି ମୁକୁଳିବା ପାଇଁ ଦରଖାସ୍ତକୁ ବିରୋଧ କରିବାକୁ ସରକାରୀ ଅଭିଯୋଜକଙ୍କୁ ଏକ ସୁଯୋଗ ଦିଆଯାଇନଥାଏ, ଏବଂ

(ii) ଯେଉଁସ୍ଥଳେ ସରକାରୀ ଅଭିଯୋଜକ ଦରଖାସ୍ତକୁ ବିରୋଧ କରନ୍ତି, ନ୍ୟାୟାଳୟଙ୍କ ହୃଦବୋଧ ହୁଏ ଯେ, ସେ ଉକ୍ତ ଅପରାଧରେ ଦୋଷୀ ନୁହନ୍ତି ବୋଲି ବିଶ୍ୱାସ କରିବାକୁ ଯୁକ୍ତିଯୁକ୍ତ କାରଣ ରହିଛି ଏବଂ ସେ ଜାମିନରେ ଥିବା ସମୟରେ କୌଣସି ଅପରାଧ କରିବାର ସମ୍ଭାବନା ନାହିଁ ।

(2) ଜାମିନ ମଂଜୁର କରିବା ପାଇଁ ଉପଧାରା (1) ର ଖଣ୍ଡ (ଖ) ରେ ବିନିର୍ଦ୍ଦିଷ୍ଟ ସର୍ତ୍ତଗୁଡିକ, ଦଣ୍ଡ ପ୍ରକ୍ରିୟା ସଂହିତା, 1973 ଅନୁଯାୟୀ ଥିବା ସର୍ତ୍ତ ବା ଜାମିନ ମଂଜୁର ସଂପର୍କରେ ତତ୍ ସମୟେ ବଳବତ୍ତର ଥିବା ଅନ୍ୟ କୌଣସି ଆଇନର ଅତିରିକ୍ତ ଅଟେ ।

ପୂର୍ବରୁ ଦୋଷୀସାବ୍ୟସ୍ତ ହେବା ପରେ ଅପରାଧ ନିମନ୍ତେ ବର୍ଦ୍ଧିତ ଦଣ୍ଡ ।

15. ଯଦି କୌଣସି ବ୍ୟକ୍ତି ଧାରା 4 ବା ଧାରା 5 ଅନୁଯାୟୀ ଦଣ୍ଡନୀୟ କୌଣସି ଅପରାଧରେ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇ ପୁଣିଥରେ ସେହି ଧାରାଗୁଡିକ ଅନୁଯାୟୀ ଦଣ୍ଡନୀୟ ଏକ ଅପରାଧ କରନ୍ତି ଓ ଦୋଷୀସାବ୍ୟସ୍ତ ହୁଅନ୍ତି ତେବେ ଏହି ଅଧିନିୟମ ଅନୁଯାୟୀ ପ୍ରଥମ ଥର ଦୋଷୀସାବ୍ୟସ୍ତ ହେଲେ ଯେଉଁ ଦଣ୍ଡ ମିଳିଥାନ୍ତା ତାହାର ଦେଢଗୁଣ ଦଣ୍ଡ ପାଇଁ ଦାୟୀ ହେବେ ।

ପ୍ରମାଣର ଭାର ।

16. ଯେବେ ଏହି ଅଧିନିୟମ ଅନୁଯାୟୀ କୌଣସି କାର୍ଯ୍ୟବିଧିରେ ଭୂମି ହଡପ ହୋଇଥିବା ଅଭିଯୋଗ ହୋଇଥିବ, ଏବଂ ପ୍ରଥମ ଦୃଷ୍ଟିରୁ ଉକ୍ତ ଭୂମି ସରକାରଙ୍କ ମାଲିକାନା ଥିବା ଭୂମି ବୋଲି ପ୍ରମାଣିତ ହେଉଥିବ, ତେବେ ସ୍ୱତନ୍ତ୍ର ନ୍ୟାୟାଳୟ , ଯେଉଁ ବ୍ୟକ୍ତି ଉକ୍ତ ଭୂମିକୁ ହଡପ କରିଛନ୍ତି ବୋଲି ଅଭିଯୋଗ ହୋଇଥିବ, ତାଙ୍କୁ ଭୂମି ହଡପକାରୀ ବୋଲି ଧରିନେବେ ଏବଂ ସେହି ବ୍ୟକ୍ତି ଭୂମି ହଡପ କରିନାହାନ୍ତି ବୋଲି ପ୍ରମାଣ କରିବାର ଭାର ତାଙ୍କ ଉପରେ ରହିବ ।

ସ୍ୱତନ୍ତ୍ର ନ୍ୟାୟାଳୟର କର୍ମଚାରୀବୃନ୍ଦ ।

17. (1) ସ୍ୱତନ୍ତ୍ର ନ୍ୟାୟାଳୟ ଏହି ଅଧିନିୟମ ଅନୁଯାୟୀ ତାଙ୍କର କୃତ୍ୟ ନିର୍ବାହରେ ସ୍ୱତନ୍ତ୍ର ନ୍ୟାୟାଳୟଙ୍କୁ ସହାୟତା କରିବା ପାଇଁ ଆବଶ୍ୟକ ଅଧିକାରୀ ଓ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତ କରିପାରିବେ ।

(2) ଉପଧାରା (1) ଅନୁଯାୟୀ ଯେଉଁ ବର୍ଗର ଅଧିକାରୀ ଓ କର୍ମଚାରୀମାନେ ନିଯୁକ୍ତ ହୋଇପାରିବେ, ସେମାନଙ୍କର ଦରମା, ଭତ୍ତା ଓ ଅନ୍ୟାନ୍ୟ ସେବା ସର୍ତ୍ତାବଳୀ ତଥା ସ୍ୱତନ୍ତ୍ର ନ୍ୟାୟାଳୟର ଚେୟାରମ୍ୟାନଙ୍କ ପ୍ରଶାସନିକ କ୍ଷମତା, ଚେୟାରମ୍ୟାନଙ୍କ ସହିତ ପରାମର୍ଶ କ୍ରମେ, ଯେପରି ବିହିତ ହୋଇପାରେ ସେପରି ହେବ ।

**ଅପରାଧଗୁଡ଼ିକର ବିଚାର କରିବା କ୍ଷମତା ।**

18. ଦଣ୍ଡ ପ୍ରକ୍ରିୟା ସଂହିତା , 1973 ରେ ଯାହାକିଛି ଥିବା ସତ୍ତ୍ୱେ, ଏହି ଅଧିନିୟମ ଅନୁଯାୟୀ ଦଣ୍ଡନୀୟ ପ୍ରତ୍ୟେକ ଅପରାଧ ଏକ ସ୍ୱତନ୍ତ୍ର ନ୍ୟାୟାଳୟ ଦ୍ୱାରା ବା ଯଦି ଏକ ସ୍ୱତନ୍ତ୍ର ନ୍ୟାୟାଳୟ ଗଠିତ ହୋଇନଥିବ,ତେବେ ଏତଦୁପଲକ୍ଷ୍ୟେ ଓଡିଶା ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିର୍ଦ୍ଦିଷ୍ଟଭାବେ କ୍ଷମତାପନ୍ନ ଏକ ସେସନ୍ସ ନ୍ୟାୟାଳୟ ଦ୍ୱାରା ବିଚାର କରାଯିବ ।

**ଅଧିନିୟମ ଅନୁଯାୟୀ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ସରକାରୀ ସେବକ ହେବେ ।**

19. ଏହି ଅଧିନିୟମ ଅନୁଯାୟୀ କାର୍ଯ୍ୟ କରୁଥିବା ପ୍ରତ୍ୟେକ ବ୍ୟକ୍ତି, ଭାରତୀୟ ଦଣ୍ଡ ସଂହିତା, 1860 ର ଅର୍ଥାନୁସାରେ ଜଣେ ସରକାରୀ ସେବକ ରୂପେ ବିବେଚିତ ହେବେ ।

**ସତ୍ ବିଶ୍ୱାସରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନଙ୍କ ସୁରକ୍ଷା ।**

20. ଏହି ଅଧିନିୟମ ବା ତଦଧୀନ ପ୍ରଣୀତ ନିୟମାବଳୀ ଅନୁଯାୟୀ ସତ୍ ବିଶ୍ୱାସରେ କରାଯାଇଥିବା ବା କରିବା ପାଇଁ ଅଭିପ୍ରେତ ଥିବା କୌଣସି କାର୍ଯ୍ୟ ପାଇଁ ସ୍ୱତନ୍ତ୍ର ନ୍ୟାୟାଳୟର କୌଣସି ଅଧିକାରୀ ବା କର୍ମଚାରୀ ବା ସରକାରଙ୍କ କୌଣସି ଅଧିକାରୀଙ୍କ ବିରୁଦ୍ଧରେ କୌଣସି ମକଦ୍ଦମା, ଅଭିଯୋଜନ ବା ଅନ୍ୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରାଯିବ ନାହିଁ ।

**ଅନ୍ୟ ଆଇନଗୁଡ଼ିକୁ ଏହି ଅଧିନିୟମ ଅଧିକ୍ରମଣ କରିବ ।**

21. ଏହି ଅଧିନିୟମର ବ୍ୟବସ୍ଥାଗୁଡ଼ିକ ସହିତ ଅସଂଗତ ହୋଇ ତତ୍ ସମୟେ ବଳବତ୍ତର ଥିବା ଅନ୍ୟ କୌଣସି ବିଧିରେ ବା ଲୋକାଚାର , ପ୍ରଥା ବା ଚୁକ୍ତିରେ ବା କୌଣସି ନ୍ୟାୟାଳୟ ବା ଟ୍ରିବ୍ୟୁନାଲ ବା ପ୍ରାଧିକରଣର ଡିକ୍ରି ବା ଆଦେଶରେ ଯାହାକିଛି ଥିବା ସତ୍ତ୍ୱେ ଏହି ଅଧିନିୟମର ବ୍ୟବସ୍ଥା ଗୁଡ଼ିକ ବଳବତ୍ତର ହେବ ।

**ନିୟମାବଳୀ ପ୍ରଣୟନ କରିବା କ୍ଷମତା ।**

22. (1) ଏହି ଅଧିନିୟମର ସମସ୍ତ ବା ଯେ କୌଣସି ଉଦ୍ଦେଶ୍ୟଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ସରକାର ଅଧିସୂଚନା ଦ୍ୱାରା ନିୟମାବଳୀ ପ୍ରଣୟନ କରିପାରିବେ ।

(2) ଏହି ଧାରା ଅନୁଯାୟୀ ପ୍ରଣୀତ ପ୍ରତ୍ୟେକ ନିୟମ, ତାହା ପ୍ରଣୀତ ହେବା ପରେ ପରେ ରାଜ୍ୟ ବିଧାନମଣ୍ଡଳ ଅଧିବେଶନ ଚାଲିଥିଲେ ତାହା ସମକ୍ଷରେ ଏବଂ ଯଦି ଅଧିବେଶନ ଚାଲିନଥାଏ ତେବେ ତାହାର ଠିକ୍ ପରବର୍ତ୍ତୀ ଅଧିବେଶନରେ ବା କ୍ରମାଗତ ଦୁଇଟି ଅଧିବେଶନରେ ସମୁଦାୟ ଚଉଦ ଦିନ କାଳାବଧି ନିମନ୍ତେ ଉପସ୍ଥାପନ କରାଯିବ ଏବଂ ଯଦି ତାହା ଉପସ୍ଥାପିତ ହୋଇଥିବା ଅଧିବେଶନରେ ବା ତାହାର ଠିକ୍ ପରବର୍ତ୍ତୀ ଅଧିବେଶନର ଅବସାନ ପୂର୍ବରୁ ରାଜ୍ୟ ବିଧାନମଣ୍ଡଳ ନିୟମାବଳୀରେ କୌଣସି ପରିବର୍ତ୍ତନ କରିବା ପାଇଁ ବା ନିୟମଟି ବାତିଲ କରିବା ପାଇଁ ସହମତ ହୁଅନ୍ତି, ତେବେ ଯେଉଁ ତାରିଖରେ ସେପରି ପରିବର୍ତ୍ତନ ବା ବାତିଲ ବିଷୟ ଅଧିସୂଚିତ ହେବ, ସେହି ତାରିଖ ଠାରୁ ସେପରି ପରିବର୍ତ୍ତିତ ରୂପରେ ନିୟମଟି ବଳବତ୍ତର ହେବ, ବା, ଯଥାସ୍ଥିତି, ବାତିଲ ହୋଇଯିବ,

ଯାହାହେଲେବି, ସେପରି ପରିବର୍ତ୍ତନ ବା ବାତିଲ, ସେହି ନିୟମ ଅନୁଯାୟୀ ପୂର୍ବରୁ କରାଯାଇଥିବା କୌଣସି କାର୍ଯ୍ୟର ବୈଧତା ପ୍ରତି ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।

ିଗ୍ରାଧୀନ ାମଲା ଗୁଡିକର ନ୍ତରଣ ।

23. ଏକ ସ୍ୱତନ୍ତ୍ର ନ୍ୟାୟାଳୟ ଗଠିତ ହେବା ଠିକ୍ ପୂର୍ବରୁ କୌଣସି ନ୍ୟାୟାଳୟ ବା ଅନ୍ୟ ପ୍ରାଧୀକାରୀଂକ ସମକ୍ଷରେ ବିଗ୍ରାଧୀନ ଥିବା କୌଣସି ମାମଲା, ଯାହାକି, ଉକ୍ତ ସ୍ୱତନ୍ତ୍ର ନ୍ୟାୟାଳୟର ଅଧିକାରିତା ମଧ୍ୟରେ ଆସିଥାନ୍ତା, ସେଗୁଡିକ ସ୍ୱତନ୍ତ୍ର ନ୍ୟାୟାଳୟକୁ ଆପେ ଅନ୍ତରିତ ହୋଇଯିବ, ଯଦିଓ ଯେପରି ଯେଉଁ ଘଟଣାକୁ ଆଧାର କରି ସେପରି ମକଦ୍ଦମା ବା କାର୍ଯ୍ୟବିଧି ହୋଇଥିଲା, ତାହା ସ୍ୱତନ୍ତ୍ର ନ୍ୟାୟାଳୟ ଗଠିତ ହେବାପରେ ଘଟିଛି ।

ଡପ ଭୂମିର ସ୍ତାନ୍ତର ଷେଧ ।

24. ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ହେଉ କି ପରେ ହେଉ, ହଡପ ଭୂମି ବା ତାହାର କୌଣସି ଭାଗର ବିକ୍ରୟ, ଲିଜ୍, ଉପହାର, ବିନିମୟ, ବନ୍ଦୋବସ୍ତ, ସମର୍ପଣ, ଭୋଗବନ୍ଧକ ଆକାରରେ ବା ଅନ୍ୟଥା ହସ୍ତାନ୍ତର ସଂପର୍କିତ କୌଣସି କାରବାର ବା ଉକ୍ତ ଭୂମି ସଂପର୍କରେ କରାଯାଇଥିବା କୌଣସି ବଣ୍ଟଆରା ବା ସୃଷ୍ଟି ହୋଇଥିବା କୌଣସି ନ୍ୟାସ, ସ୍ୱତନ୍ତ୍ର ନ୍ୟାୟାଳୟଙ୍କ ଦ୍ୱାରା ଆଦେଶ ହେବା ବ୍ୟତିରେକେ ରଦ୍ଦ ଓ ବ୍ୟର୍ଥ ହେବ ।

ରିଭ୍ୟୁ ।

25. ନ୍ୟାୟର ଅପପ୍ରୟୋଗକୁ ନିବାରଣ କରିବା ଲକ୍ଷ୍ୟରେ ଧାରା 11 ଅନୁଯାୟୀ ସ୍ୱତନ୍ତ୍ର ନ୍ୟାୟାଳୟ ଦେଇଥିବା ନିଜର ରାୟ ବା ଆଦେଶକୁ ରିଭ୍ୟୁ କରିପାରିବେ କିନ୍ତୁ କୌଣସି ତଥ୍ୟଗତ ଭ୍ରମ, କୌଣସି ସାରବାନ୍ ତଥ୍ୟର ଅଜ୍ଞତା, ରେକର୍ଡରେ ପ୍ରତୀତ ହେଉଥିବା କୌଣସି ତ୍ରୁଟି ଭିନ୍ନ ଅନ୍ୟ କୌଣସି କାରଣ ହେତୁ ସେପରି ରିଭ୍ୟୁ ଗ୍ରହଣ କରାଯିବ ନାହିଁ :

ପରନ୍ତୁ ଆବେଦନକାରୀଙ୍କୁ ଶୁଣାଣି ନ କରି ରିଭ୍ୟୁ ଆବେଦନଟି ଗ୍ରହଣ କରିବା ବା ନାକଚ କରିବା ସ୍ୱତନ୍ତ୍ର ନ୍ୟାୟାଳୟଙ୍କ ପକ୍ଷେ ନ୍ୟାୟସଂଗତ ହେବ :

ଅଧିକନ୍ତୁ ପ୍ରଭାବିତ ପକ୍ଷମାନଂକୁ ଶୁଣାଣି ନ କରି ସ୍ୱତନ୍ତ୍ର ନ୍ୟାୟାଳୟ କୌଣସି ରିଭ୍ୟୁ ଆବେଦନ ମଞ୍ଜୁର କରିବେ ନାହିଁ ଓ ତାହାଙ୍କ ପୂର୍ବ ଆଦେଶ ବା ରାୟକୁ ନାକଚ କରିବେ ନାହିଁ ।

ନିରସନ ଓ ବ୍ୟାବୃତ୍ତି ।

26. (1) ଏତଦ୍ୱାରା ଓଡ଼ିଶା ଭୂମି ହଡପ (ନିବାରଣ) ଅଧ୍ୟାଦେଶ, 2015 ନିରସିତ ହେଲା । **2015** ର ଅଧ୍ୟାଦେଶ **1**

(2) ସେପରି ନିରସନ ସତ୍ତ୍ୱେ, ଉକ୍ତ ଅଧ୍ୟାଦେଶର କୌଣସି ବ୍ୟବସ୍ଥା ଅନୁସାରେ କରାଯାଇଥିବା କୌଣସି ଆଦେଶ, ଅଧିସୂଚନା ବା ନିୟମ ବା କାର୍ଯ୍ୟ ବା ଗ୍ରହଣ କରାଯାଇଥିବା କୌଣସି କାର୍ଯ୍ୟାନୁଷ୍ଠାନ ଏହି ଅଧିନିୟମର ଅନୁରୂପ ବ୍ୟବସ୍ଥାଗୁଡିକ ଅନୁଯାୟୀ କରାଯାଇଛି ବା ଗ୍ରହଣ କରାଯାଇଛି ବୋଲି ବିବେଚିତ ହେବ ।

# ଉଦ୍ଦେଶ୍ୟ ଓ କାରଣ କଥନ

ବ୍ୟକ୍ତିଗତ ଭାବରେ ବା ଦଳଗତ ଭାବରେ କାର୍ଯ୍ୟକରୁଥିବା କେତେକ ଆଇନ ଭଙ୍ଗକାରୀ ବ୍ୟକ୍ତି, ବଳ ପ୍ରୟୋଗ କରି ବା ପ୍ରତାରଣା କରି ବା ଅନ୍ୟ କୌଣସି ଉପାୟରେ ସରକାରଙ୍କର,ସ୍ଥାନୀୟ ପ୍ରାଧିକାରୀଙ୍କର, ସରକାରଙ୍କ ମାଲିକାନା ଥିବା ବା ତାଙ୍କ ଦ୍ୱାରା ନିୟନ୍ତ୍ରିତ ବା ପରିଚାଳିତ କୌଣସି ବୈଧାନିକ ବା ଅଣ-ବୈଧାନିକ ନିକାୟର, ଭୂଦାନ ଯଜ୍ଞ ସମିତିର, କୌଣସି ସର୍ବସାଧାରଣ ଧାର୍ମିକ ବା ଦାତବ୍ୟ ଅନୁଷ୍ଠାନର ବା ଦେବୋତ୍ତରର ତଥା ୱାକଫର ଭୂମିକୁ ହଡପ କରିବାକୁ ସଂଗଠିତ ଭାବେ ପ୍ରୟାସ କରୁଥିବା ବିଷୟ ସରକାରଙ୍କ ଦୃଷ୍ଟିକୁ ଆସିଛି । ପୌରାଂଚଳ ମାନଙ୍କରେ ଭୂମିର ଅତ୍ୟଧିକ ଚାହିଦା ଦୃଷ୍ଟିରୁ, ତାହାର ମୂଲ୍ୟ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି ଏବଂ ଏହାର ସୁଯୋଗ ନେଇ ଭୂମି ହଡପକାରୀମାନେ ଭୂମି ଉପରେ କୌଣସି ପ୍ରକାର ଅଧିକାର, ହକ୍ ବା ସ୍ୱତ୍ୱ ନ ଥାଇ ଜାଲ୍ କରି ଉକ୍ତ ଭୂମି ଉପରେ ନିଜର ଦାବି ଉପସ୍ଥାପନ କରୁଛନ୍ତି ଏବଂ ଭୂମିର ଅପ୍ରାଧିକୃତ ଦଖଲ, ଅବିବେକୀ ଭୂମି ବେପାରୀଙ୍କ ଜରିଆରେ ବା ଅନ୍ୟ କୌଣସି ପ୍ରକାରେ ଶଠତାପୂର୍ଣ୍ଣ ବିକ୍ରୟ ପରି ବେଆଇନ କାର୍ଯ୍ୟକଳାପରେ ଲିପ୍ତ ରହୁଛନ୍ତି, ଯଦ୍ୱାରା କି ସେମାନେ ଖୁବ୍ କମ୍ ସମୟ ମଧ୍ୟରେ ଅମାପ ହିସାବ ବହିର୍ଭୂତ ସଂପତ୍ତି ଠୁଳ କରିବା ସଂଗେ ସଂଗେ ସାଧାରଣ ଆଇନ ଶୃଙ୍ଖଳାକୁ ମଧ୍ୟ ପ୍ରତିକୂଳଭାବେ ପ୍ରଭାବିତ କରୁଛନ୍ତି ।

ଭୂମିର ଜବରଦଖଲ ଓ ଅପ୍ରାଧିକୃତ ଅଧିଭୋଗ ବହୁମାତ୍ରାରେ ବଢି ଚାଲିଥିବାରୁ ଏବଂ ଓଡିଶାରେ ପ୍ରଚଳିତ ଆଇନଗୁଡିକ ମୁଖ୍ୟତଃ ପୌରାଂଚଳ ଓ ପୌରାଂଚଳ ରୂପେ ଗଢି ଉଠୁଥିବା କ୍ଷେତ୍ରଗୁଡିକରେ ଭୂମି ହଡପ ପରି ଅନିଷ୍ଟକାରୀ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ଆଦୌ ପର୍ଯ୍ୟାପ୍ତ ହୋଇନଥିବାରୁ,ତୁରନ୍ତ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରି ଭୂମି ହଡପ ପରି ବେଆଇନ କାର୍ଯ୍ୟକଳାପକୁ ରୋକିବା ଓ ଲଗାମ ଦେବା ଆବଶ୍ୟକ ଓ ସମୀଚୀନ ମନେ କରାଗଲା । ଯେହେତୁ ଓଡିଶା ରାଜ୍ୟର ବିଧାନମଣ୍ଡଳ ଅଧିବେଶନରେ ନଥିଲା,ତେଣୁ ସଂବିଧାନର ଅନୁଚ୍ଛେଦ 213 ର ଖଣ୍ଡ (1) ଦ୍ୱାରା ଅର୍ପିତ କ୍ଷମତାର ପ୍ରୟୋଗ କ୍ରମେ ଓଡିଶାର ରାଜ୍ୟପାଳ ପ୍ରସନ୍ନତା ପୂର୍ବକ ଓଡିଶା ଭୂମିହଡପ (ନିବାରଣ) ଅଧ୍ୟାଦେଶ, 2015 (2015 ର ଓଡିଶା ଅଧ୍ୟାଦେଶ ସଂ-1) ନାମକ ଏକ ଅଧ୍ୟାଦେଶ ତା 26 ମଇ, 2015 ରେ ଜାରି କରିଛନ୍ତି ଯାହାକି, ଓଡିଶା ଗେଜେଟର ଏକ ଅସାଧାରଣ ସଂଖ୍ୟା 853 ତା 28 ମଇ 2015 ରେ ପ୍ରକାଶିତ ହୋଇଛି ।

3. ଭୂମି ହଡପକାରୀଙ୍କ ସେପରି ବେଆଇନ କାର୍ଯ୍ୟକଳାପରେ ଲଗାମ ଲଗାଇବା ସକାଶେ ଏକ ବିଧି ପ୍ରଣୟନ ସକାଶେ ପ୍ରସ୍ତାବ ରଖାଯାଉଛି ।

ବିଧେୟକଟି ଉପରୋକ୍ତ ଉଦ୍ଦେଶ୍ୟ ସାଧନ ଲାଗି ଉଦ୍ଦିଷ୍ଟ ।

ବିଜୟଶ୍ରୀ ରାଉତରାୟ

ଭାରପ୍ରାପ୍ତ ସଦସ୍ୟ

ପ୍ରମାଣିତ କରାଯାଉଛି ଯେ,ଭାରତର ସଂବିଧାନର ଅନୁଚ୍ଛେଦ 207 ଅନୁଯାୟୀ ଆବଶ୍ୟକ ହେବାମତେ ଓଡିଶା ବିଧାନ ସଭାରେ ବିଧେୟକଟିକୁ ଆଗତ କରିବା ସକାଶେ ଓଡିଶାର ରାଜ୍ୟପାଳଙ୍କ ସୁପାରିସ ମିଳିଛି ।

ବିଜୟଶ୍ରୀ ରାଉତରାୟ

ଭାରପ୍ରାପ୍ତ ସଦସ୍ୟ

## ଅଧ୍ୟାଦେଶ ମାଧ୍ୟମରେ ଆଇନ ପ୍ରଣୟନ ପାଇଁ ବାଧ୍ୟ କରିଥିବା ପରିସ୍ଥିତିର ବିବରଣୀ

ଓଡିଶା ସରକାରଙ୍କ ଦୃଷ୍ଟିଗୋଚର ହେଉଥିଲା ଯେ କେତେକ ନୀତିହୀନ ଲୋକ ବ୍ୟକ୍ତିଗତ ଭାବରେ କିମ୍ବା ସାମୁହିକ ଭାବରେ ବଳ ପ୍ରୟୋଗ କରି କିମ୍ବା ଚଞ୍ଚକତା ପୂର୍ବକ କିମ୍ବା ଅନ୍ୟ ଉପାୟରେ ରାଜ୍ୟ ସରକାରଙ୍କ ଜମି, ସ୍ଥାନୀୟ ଆୟୁକ୍ତ, ଦାତବ୍ୟ ଅନୁଷ୍ଠାନ, ଏଣ୍ଡାଉମେଣ୍ଟ କିମ୍ବା ୱାକବ ବୋର୍ଡର ଜମିକୁ ହଡପ କରୁଛନ୍ତି । ଏହି ଜମି ହଡପକାରୀଙ୍କ ଦ୍ୱାରା ସହର ଓ ସହରତଳି ଅଞ୍ଚଳରେ ଏଭଳି ବେଆଇନ କାର୍ଯ୍ୟ ହେତୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାରୁ ଏଭଳି ବେଆଇନ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ଜରୁରୀ ପଦକ୍ଷେପ ସ୍ୱରୂପ ଏକ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା ପାଇଁ ଆବଶ୍ୟକତା ଅନୁଭବ କରାଗଲା ।

ରାଜ୍ୟ ବିଧାନ ସଭାର ଅଧିବେଶନ ଚାଲୁନଥିବାରୁ ଭାରତୀୟ ସମ୍ବିଧାନର ଧାରା ୨୧୩ ଅନୁସାରେ ଏକ ଅଧ୍ୟାଦେଶ ମାଧ୍ୟମରେ ଆଇନ ପ୍ରଣୟନ କରିବା ପାଇଁ ତୁରନ୍ତ ପଦକ୍ଷେପ ନିଆଗଲା ।

ବିଜୟଶ୍ରୀ ରାଉତରାୟ
ଭାରପ୍ରାପ୍ତ ସଭ୍ୟ